# NATIONAL NEWS BULLETIN (ODIA)
## 20 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସାମ୍ବାଦିକତା ସମେତ ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ନୂତନ ସୁଯୋଗ ଏବଂ ନୂତନ ଆହ୍ୱାନ ସୃଷ୍ଟି କରୁଛି– କହିଲେ ରାଷ୍ଟ୍ରପତି
- ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରରେ ପହଁଞ୍ଚିବେ ଜଣେ ଭାରତୀୟ ମହାକାଶଚାରୀ– ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- ୱେଭ୍‌ସ ଓ.ଟି.ଟି. ପ୍ଲାଟଫର୍ମରେ ପ୍ରସାରଣ ହେବ ଡୟେଚର ଫୁଟବଲ ବଣ୍ଡ୍- ଡି.ଏଫ୍.ବି. ପୋକଲ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍
- ସାଇବର ସମ୍ବନ୍ଧୀୟ ବିପଦଗୁଡ଼ିକ ବିରୋଧରେ ସତର୍କ ରହିବା ଲାଗି ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ପରାମର୍ଶ

ଏବଂ

- ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍‌ରେ ୩-୦ ଗୋଲ୍‌ରେ ମାଳଦ୍ୱୀପକୁ ପରାସ୍ତ କଲା ଭାରତ

# ପ୍ରେସିଡେଣ୍ଟ- ରାମନାଥ ଆୱାର୍ଡସ

ସାମ୍ବାଦିକତା ସମେତ ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ନୂତନ ସୁଯୋଗ ଏବଂ ନୂତନ ଆହ୍ୱାନ ସୃଷ୍ଟି କରୁଛି। ଗତକାଲି ନୂଆଦିଲ୍ଲୀରେ ୧୯ତମ ରାମନାଥ ଗୋଏଙ୍କା ଏକ୍ସଲେନ୍ସ ଇନ୍ ଜର୍ଣ୍ଣାଲିଜମ୍ ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ସେ କହିଛନ୍ତି, ନାଗରିକମାନେ କୃତ୍ରିମ ବୁଦ୍ଧିମତାର ଅପବ୍ୟବହାର ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି। ସେ କହିଛନ୍ତି, ରାମନାଥ ଗୋଏଙ୍କା ପୁରସ୍କାର ଭାରତୀୟ ସାମ୍ବାଦିକତାରେ ଉତ୍କର୍ଷତାକୁ ବୃଦ୍ଧି କରୁଛି ଏବଂ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିଛି।

ରାଷ୍ଟ୍ରପତି କହିଛନ୍ତି, ସାମ୍ବାଦିକତା କ୍ଷେତ୍ରରେ ସମ୍ବାଦ ସଂଗ୍ରହ ଏକ ପ୍ରମୁଖ ଉପାଦାନ ହୋଇଥିବାବେଳେ ଏହାକୁ ସୁଦୃଢ଼ କରିବାକୁ ପଡ଼ିବ। ସମ୍ବାଦ ସଂଗ୍ରହ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ବିଭିନ୍ନ ଉପାୟକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଏଥିରେ ଅଧିକ ସମ୍ବଳ ନିୟୋଜନ କରିବାର ଆବଶ୍ୟକତା ରହିଛି। ସେ କହିଛନ୍ତି, ଗଣତନ୍ତ୍ର ପାଇଁ ମୁକ୍ତ ଓ ନିରପେକ୍ଷ ସାମ୍ବାଦିକତାର ଗୁରୁତ୍ୱକୁ ଅଣଦେଖା କରାଯାଇପାରିବ ନାହିଁ।

# ପ୍ରେଜ୍– ଉଦ୍ୟମ ଉତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନସ୍ଥିତ ଅମୃତ ଉଦ୍ୟାନରେ ଆୟୋଜିତ ହେବାକୁ ଥିବା ଉଦ୍ୟାନ ଉତ୍ସବରେ ଯୋଗଦେବେ। ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦେଶର ଐତିହ୍ୟକୁ ପ୍ରଦର୍ଶନ କରି ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ସଶକ୍ତ କରିବା ଏବଂ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଚଳିତ ମାସ ୩୦ ତାରିଖରେ ଏହା ଶେଷ ହେବ।

ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପଠାରୁ ଆରମ୍ଭ କରି କୃଷିଭିତ୍ତିକ ଉତ୍ପାଦ ପର୍ଯ୍ୟନ୍ତ ୭ଟି ମଣ୍ଡପରେ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ ହେବ। ମଣ୍ଡପଗୁଡ଼ିକରେ ଏମ୍.ଏସ୍.ଏମ୍.ଇ. ଜ୍ଞାନକୌଶଳ, ମହିଳା ଉଦ୍ୟୋଗୀ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଏବଂ ଆଦିବାସୀ ଉଦ୍ୟୋଗୀ, ଖଦି ଏବଂ ଗ୍ରାମଦ୍ୟୋଗ ଭଳି ବିଭିନ୍ନ ମଣ୍ଡପ ରହିବ। ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ହୁନର ସଙ୍ଗୀତ, ନୁକଡ଼୍ ନାଟକ, ରାଜସ୍ଥାନୀ କଣ୍ଢେଇ ନିର୍ମାଣ ପ୍ରଦର୍ଶନ ସ୍ଥାନ ପାଇବ। ପ୍ରତିଦିନ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉଦ୍ୟାନ ଉତ୍ସବ ଖୋଲାରହିବ।

# ଇଣ୍ଡିଆ ସ୍ପେସ୍ ଷ୍ଟେସନ୍

୨୦୪୦ ମସିହା ସୁଦ୍ଧା ଜଣେ ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ପହଁଞ୍ଚିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଲୋକସଭାରେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଡକ୍ଟର ସିଂ କହିଛନ୍ତି, ଭାରତ 'ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର' ନାମକ ମହାକାଶକେନ୍ଦ୍ର ୨୦୩୫ ମସିହା ସୁଦ୍ଧା ନିର୍ମାଣ କରିବ ଏବଂ ଯଦି ସବୁ କାର୍ଯ୍ୟ ଯୋଜନା ମୁତାବକ ଅଗ୍ରଗତି କରିବ, ତେବେ ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମହାକାଶଚାରୀ ପଠାଯିବା କାର୍ଯ୍ୟ ସଫଳ ହେବ । ଶ୍ରୀ ସିଂ କହିଛନ୍ତି, ଚନ୍ଦ୍ରଯାନ-୪କୁ ଦୁଇଟି ଉତ୍କ୍ଷେପଣ ଯାନ ମାଧ୍ୟମରେ ଉତ୍କ୍ଷେପଣ କରାଯିବ । ଚୟନ କରାଯାଇଥିବା ୪ ଜଣ ଗଗନଯାନ ମହାକାଶଚାରୀଙ୍କୁ କାହିଁକି ଜନସାଧାରଣଙ୍କ ନଜରରୁ ଦୂରେଇ ରଖାଯାଇଛି ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଡକ୍ଟର ସିଂ କହିଛନ୍ତି, ସେମାନଙ୍କୁ ବିଭ୍ରାନ୍ତିରୁ ଦୂରେଇ ରଖିବା ପାଇଁ ଏଭଳି କରାଯାଇଛି । ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷ ସୁଦ୍ଧା ଗଗନଯାନର ଏକ ମହିଳା ରୋବର୍ଟ ସହ ପରୀକ୍ଷଣ ଉଡ଼ାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

**V/O- Dr Jitendra Singh**

# ଆର୍‌ବିଆଇ– କୋପଅରେଟିଭ୍ ବ୍ୟାଙ୍କ

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ସାଇବର ସମ୍ବନ୍ଧୀୟ ବିପଦଗୁଡ଼ିକ ବିରୋଧରେ ସତର୍କ ରହିବା ଲାଗି ପରାମର୍ଶ ଦେଇଛନ୍ତି । ସେ ଗ୍ରାହକମାନଙ୍କୁ ଉଚ୍ଚମାନର ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଦାୟିତ୍ୱ ପ୍ରତି ସଚେତନ ରହିବାର ଆବଶ୍ୟକତା ରହିଛି । ସହରାଞ୍ଚଳ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହା କହିଛନ୍ତି ।

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା କ୍ଷେତ୍ରରେ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ଭୂମିକାକୁ ଶ୍ରୀ ମାଲହୋତ୍ରା ପ୍ରଶଂସା କରି କହିଛନ୍ତି, ଏହାର ଅଭିବୃଦ୍ଧିରେ ରିଜର୍ଭ ବ୍ୟାଙ୍କ ସମର୍ଥନ ଜାରି ରଖିବ ।

# ୱେଭ୍‌ସ ଫୁଟବଲ

ୱେଭ୍‌ସ ଓ.ଟି.ଟି. ପ୍ଲାଟଫର୍ମରେ ଡୟେଚର ଫୁଟବଲ୍ ବଣ୍ଡ୍– ଡି.ଏଫ୍.ବି. ପୋକଲ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ୍‌ର ପ୍ରସାରଣ କରାଯିବ । ଭାରତ ଏବଂ ଜର୍ମାନ୍ ମଧ୍ୟରେ ଫୁଟବଲ ଖେଳ କ୍ଷେତ୍ରରେ

ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଫୁଟବଲ ସମ୍ପର୍କିତ ବିଷୟବସ୍ତୁର ଅଗ୍ରାଧିକାର ଭିତ୍ତିରେ ପ୍ରଚାର ପ୍ରସାର କରିବା ନିମନ୍ତେ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ରରେ ୧୭ ବର୍ଷରୁ କମ୍ ପ୍ରତିଭା ସନ୍ଧାନ ନିମନ୍ତେ ପ୍ରତିଯୋଗିତା ଆୟୋଜନ କରାଯିବ । ଯେଉଁଥିରେ ୨୦ ଜଣ ଯୁବ ଭାରତୀୟ ଖେଳାଳି ଜର୍ମାନ୍‌ରେ ଅଭ୍ୟାସ କରିବାର ସୁଯୋଗ ପାଇବେ ।

ଏହି ଅବସରରେ ପ୍ରସାର ଭାରତୀର ମୁଖ୍ୟ ପରିଚାଳନା ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, ଡି.ଏଫ୍.ବି. ସହ ସହଯୋଗ ଆମ ଦେଶର ଯୁବ ଫୁଟବଲ ଖେଳାଳିଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେବାର ସୁଯୋଗ ବୃଦ୍ଧି କରିବ । ସେ କହିଛନ୍ତି, ତୃଣମୂଳସ୍ତରର ବିକାଶ ସହ ଉଚ୍ଚମାନର ବିଷୟବସ୍ତୁକୁ ସମନ୍ୱିତ କରି ସରକାର ଦେଶରେ ଫୁଟବଲ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି ।

## ଇଣ୍ଡିଆ- ଏ.ଆଇ ମିଶନ

ଭାରତ ଏ.ଆଇ. ମିଶନ ଏବଂ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ମଧ୍ୟରେ ଖୁବ୍‌ଶୀଘ୍ର ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଗତକାଲି ନୂଆଦିଲ୍ଲୀରେ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସହ ସାକ୍ଷାତ ପରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ଏକ

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି' ଉନ୍ନତ ଫସଲ, ସୁଦୃଢ଼ ସ୍ୱାସ୍ଥ୍ୟସେବା, ସ୍ମାର୍ଟ ଶିକ୍ଷା ଏବଂ ଜଳବାୟୁ ସହନଶୀଳତା ପାଇଁ କୃତ୍ରିମ ବୁଦ୍ଧିମତା ଜଡ଼ିତ ସମାଧାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ମଧ୍ୟ ଶ୍ରୀ ଗେଟ୍ସଙ୍କ ସହ ବୈଠକ କରିଥିଲେ । ଏଥିରେ ଶ୍ରୀ ନଡ୍ଡା ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍‌ର ମୂଲ୍ୟବାନ ସହଯୋଗକୁ ପ୍ରଶଂସା କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ଭାରତ ଫାଉଣ୍ଡେସନ୍‌ର ସହଯୋଗ ମାଧ୍ୟମରେ ମାତୃସ୍ୱାସ୍ଥ୍ୟ, ଟୀକାକରଣ ଏବଂ ପରିମଳ କ୍ଷେତ୍ରରେ ଭାରତ ଅଗ୍ରଗତି କରିଛି । ସମସ୍ତ ନାଗରିକଙ୍କ ପାଇଁ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ପାଇଁ ଫାଉଣ୍ଡେସନ୍ ଏବଂ ଭାରତ ସରକାରଙ୍କ ମଧ୍ୟରେ ସହଯୋଗପତ୍ର ନବୀକରଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## କ୍ୟାବିନେଟ୍ - ବ୍ରିଫିଙ୍ଗ୍

ସ୍ୱଳ୍ପ ମୂଲ୍ୟର ଭିମ୍-ୟୁ.ପି.ଆଇ. କାରବାରକୁ ପ୍ରସାରିତ କରିବା ଲାଗି କେନ୍ଦ୍ର ସରକାର ଏକ ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରିଛନ୍ତି । ଗତକାଲି କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ଲାଗି ୧ ହଜାର ୫

ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ କୌଣସି ଅତିରିକ୍ତ ଖର୍ଚ୍ଚ ବହନ ନ କରି ୟୁ.ପି.ଆଇ. ସେବା ପାଇପାରିବେ । ୨ ହଜାର ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ ସେମାନଙ୍କୁ ପ୍ରତି କାରବାର ପିଛା ଶୂନ ଦଶମିକ ୧/୫ ପ୍ରତିଶତ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଆସାମର ନାମରୂପସ୍ଥିତ ବ୍ରହ୍ମପୁତ୍ର ଉପତ୍ୟକା ସାର ନିଗମ ଲିମିଟେଡ୍‌ର ବର୍ତ୍ତମାନର ପରିସର ମଧ୍ୟରେ ଏକ ନୂଆ ବ୍ରାଉନ୍‌ଫିଲ୍ଡ୍ ଆମୋନିଆ-ୟୁରିଆ କମ୍ପ୍ଲେକ୍ସ ନାମରୂପ-୪ ସାର କାରଖାନା ପ୍ରତିଷ୍ଠା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି ।

ସେହିପରି ୨୦୨୪-୨୫ ଓ ୨୦୨୫-୨୬ ବର୍ଷ ପାଇଁ ବର୍ଦ୍ଧିତ ଆବଣ୍ଟନ ସହିତ ସଂଶୋଧିତ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକାରିତାକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହାଦ୍ୱାରା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ସହ ଦୁଗ୍ଧ ଚାଷୀଙ୍କ ଆୟ ବଢ଼ାଇବାରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

ମହାରାଷ୍ଟ୍ରର ଜି.ଏନ୍.ପି.ଏ. ବନ୍ଦରଠାରୁ ଆରମ୍ଭ କରି ଚୌକ୍ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ରାଜପଥ ନିର୍ମାଣକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛନ୍ତି । ଏଥିଲାଗି ୪ ହଜାର ୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଫୁଟବଲ ଇଣ୍ଡିଆ ମାଳଦ୍ୱୀପ

ଶିଲଙ୍ଗରେ ଗତକାଲି ଅନୁଷ୍ଠିତ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍‌ରେ ଭାରତ ୩-୦ ଗୋଲ୍‌ରେ ମାଳଦ୍ୱୀପକୁ ପରାସ୍ତ କରିଛି। ରାହୁଲ ଭେକେ, ଲିଷ୍ଟନ୍ କୋଲାକୋ ଏବଂ ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ୍ ବଳରେ ଭାରତୀୟ ଦଳ ମ୍ୟାଚ୍ ଜିତିଥିଲା। ଶିଲଙ୍ଗ୍‌ର ଆସନ୍ତା ୨୫ ତାରିଖରେ ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ’ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳିବ।

ଗତକାଲିର ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ନିଜର ସୁନୀଲ ଛେତ୍ରୀ ୯୫ତମ ଅନ୍ତର୍ଜାତୀୟ ଗୋଲ୍ ସ୍କୋର କରିଥିଲେ।